

# ଶେଷଦିନ ପ୍ରଚାରରେ କମ୍ପିଲା କଟକ




କଟକ,୨୩।୫(ସମିସ)

କଟକ ଜିଲ୍ଲାର ଯେଉଁ ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ୨୫ତାରିଖ ଦିନ ଭୋଟ ଗ୍ରହଣ ହେବ ସେହି ସବୁ ବିଧାନସଭା ଆସନରେ ଆଜି ଥିଲା ପ୍ରଚାରର ଶେଷ ଦିବସ। ଶେଷ ଦିନର ପ୍ରଚାରରେ କମ୍ପି ଉଠିଥିଲା ବିଭିନ୍ନ ନିର୍ବାଚନମଣ୍ଡଳୀ। ବିଭିନ୍ନ ଅଞ୍ଚଳରେ ପ୍ରାର୍ଥୀ ମାନଙ୍କର ଘନଘନ ବୈଠକ, ଶୋଭାଯାତ୍ରା, ଘରକୁ ଘର ଯାଇ ପ୍ରଚାର ଆଦି ପରିଲକ୍ଷିତ ହୋଇଥିଲା। ଦିନ ତମାମ ପ୍ରାର୍ଥୀଙ୍କୁ ଫୁରସତ ମିଳିନଥିଲା। କଟକ ଜିଲ୍ଲାର ବାରବାଟି-କଟକ, ଚୌଦ୍ୱାର-କଟକ, କଟକ ସଦର, ବଡମ୍ବା, ଆଠଗଡ ଓ ବାଙ୍କି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ୨୫ତାରିଖରେ ଭୋଟ ଗ୍ରହଣ ହେବାକୁ ଥିଲା ବେଳେ ଆଜି ସଂଧ୍ୟାରେ ପ୍ରଚାର ଶେଷ ହୋଇଥିଲା। କଟକ ଜିଲ୍ଲାର ଗୋଟିଏ ଦୁଇଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଥିଲା ବେଳେ ବାକି ସବୁ ଠାରେ ତ୍ରିମୁଖୀ ଲଢେଇ ଏକପ୍ରକାର ସ୍ପଷ୍ଟ ହୋଇଛି। ଜିଲ୍ଲାର ଯେଉଁ ସବୁ ବିଧାନସଭା ଆସନରେ ଆସନ୍ତା ୨୫ରେ ଭୋଟ ହେଉଛି ସେହି ସବୁ ଆସନ ଭିତରୁ ୫ଗୋଟି ଆସନ ଗତ ୨୦୧୯ ନିର୍ବାଚନରେ ଶାସକ ବିଜୁ ଜନତା ଦଳ ଦଖଲରେ ରହିଥିଲା। କେବଳ ବାରବାଟୀ-କଟକ ବିଧାନସଭା ଆସନ କଂଗ୍ରେସ ଦଖଲରେ ରହିଥିଲା। ବିଜେଡି ପକ୍ଷରୁ କେବଳ ବାରବାଟୀ କଟକରେ ନୂତନ ପ୍ରାର୍ଥୀ ଦିଆଯାଇଥିବା ବେଳେ ବାକି ସବୁ ଆସନରେ ପ୍ରାର୍ଥୀ ବଦଳିନଥିଲେ। ଗତ ୨୦୧୯ ନିର୍ବାଚନରେ ଜିଲ୍ଲାର ଉପରୋକ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀ ଗୁଡିକ ମଧ୍ୟରୁ ଗୋଟିଏରେ ବିଜେଡି-କଂଗ୍ରେସ ସିଧା ମୁକାବିଲା ହୋଇଥିବା ବେଳେ ବାକି ୫ଟିରେ ବିଜେଡି ସହିତ ବିଜେପି ଲଢେଇକୁ ଆସିଥିଲା। ତେବେ ଏଥର କଣ ସ୍ଥିତି ହେଉଛି ତାହା ଦେଖିବାକୁ ବାକି ରହିଛି। ଜିଲ୍ଲାରେ ଏଥର ବିଜେପି ପ୍ରାର୍ଥୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବଙ୍କ ସମେତ ଡ୍ରିମଗର୍ଲ ହେମାମାଳିନୀ ପ୍ରମୁଖ ଷ୍ଟାର କ୍ୟାମ୍ପେନର ପ୍ରଚାର କରିଥିଲେ। ବିଜେଡି ଲାଗି ଦଳର ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ନିର୍ବାଚନୀ ସଭା ଓ ରୋଡ ସୋ କରିଥିଲେ। କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ରାହୁଲ ଗାନ୍ଧୀ ସାଲେପୁରରେ ନିର୍ବାଚନୀ ସଭା ବି କରିଥିଲେ।

## ଅଧିକାଂଶ ଆସନରେ ତ୍ରିମୁଖୀ ଲଢେଇ

# ପ୍ରକାଶଙ୍କ ଜୋରଦାର ପ୍ରଚାର



କଟକ,୨୩।୫(ସମିସ): ନିର୍ବାଚନ ପ୍ରଚାରର ଶେଷ ଦିନରେ ଆଜି ବିଜେଡିର ବିଶାଳ ରାଲି ଆୟୋଜିତ ହୋଇଛି। ହଜାର ହଜାର ସମର୍ଥକଙ୍କ ଭିଡରେ ଆଜି ବାରବାଟୀ କଟକ ନିର୍ବାଚନ ମଣ୍ଡଳୀରେ ବିଜେଡିର କମ୍ପନ ସୃଷ୍ଟି ହେଇଥିଲା। ନିର୍ବାଚନ ପ୍ରଚାରର ଆଜି ଶେଷ ଦିନ ଥିବାରୁ ନିର୍ବାଚନ ମଣ୍ଡଳୀର ପ୍ରତିଟି ୱାର୍ଡର ପ୍ରମୁଖ ଛକ ଦେଇ ଯାଇଥିଲା ବାଇକ୍ ରାଲି। ଏହି ବାଇକ ରାଲି ମାଛୁଆ ବଜାର ନିକଟ ଭିଜିଲାନ୍ସ ଅଫିସ ଛକ ନିକଟରୁ ବାହାରିଥିଲା। ଯାହା ହାୱଡା ଛକ, ବକ୍ସିବଜାର ଛକ, ତିନିକୋଣିଆ ବଗିଚା ଛକ, ସେମିନାରୀ ଛକ, ଦୋଳମୁଣ୍ଡାଇ, ପିଠାପୁର, ଝୋଲା ସାହି, ନନ୍ଦୀ ସାହି, ଚୌଧୁରୀ ବଜାର, ନୟାସଡ଼କ, ବାଲୁବଜାର, ହାଇକୋର୍ଟ ଛକ, ଚାନ୍ଦିନୀଚୌକ ଛକ, ଶେଖ୍ ବଜାର, କନିକା ଛକ, ସେଲ୍ଟର ଛକ, ଦେଉଳ ସାହି, ବନ୍ଧ ଛକ ଦେଇ ବିଡାନାସୀ ସ୍କୁଲ ଛକ ଠାରେ ଶେଷ ହୋଇଥିଲା। ଏହି ବାଇକ ରାଲିରେ କଟକ ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ମଧ୍ୟ ଯୋଗଦେଇଥିଲେ। ତେବେ ସହରବାସୀଙ୍କ ପାଇଁ ରଖିଥିବା ନିଜର ଗ୍ୟାରେଣ୍ଟି ଆଜି ପୁଣି ସହରବାସୀଙ୍କ ନିକଟରେ ରଖିଥିଲେ। ଯେଉଁଥିରେ କଟକର ସଂସ୍କୃତି ଓ ଐତିହ୍ୟକୁ ୧ନଂ କରିବା ପାଇଁ ଉଦ୍ୟମ କରିବେ ବୋଲି ପ୍ରକାଶ ବେହେରା ପ୍ରତିଶ୍ରୁତି ଦେଇଛନ୍ତି। ଏହି ବାଇକ ରାଲିରେ ଜଗତଜ୍ୟୋତି ପଟ୍ଟନାୟକ, ମନୋଜ ମହାନ୍ତି, ଆସିଫ ଆମିନ, ଶୟଦ ଜଲିଲ୍, ସୌମ୍ୟଦୀପ ଘୋଷ, ସନ୍ତୋଷ ମହାପାତ୍ର, ସିଦ୍ଧାର୍ଥ ରାୟ, ମହମ୍ମଦ ଅବଦୁଲ ମାମୁର, ଶେଖ୍ ସମିମ୍, ଚନ୍ଦନ ବେହେରାଙ୍କ ସମେତ ରାଜ୍ୟ, ଜିଲ୍ଲା ଓ ନଗରସ୍ତରୀୟ ଯୁବ, ମହିଳା ନେତୃବୃନ୍ଦ ସାମିଲ ହୋଇଥିଲେ।

# ୫୪ନଂ ୱାର୍ଡରେ ସୌଭିକଙ୍କ ପଦଯାତ୍ରା



କଟକ,୨୩।୫(ସମିସ): ସାଧାରଣ ନିର୍ବାଚନ ଅବସରରେ ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀ ବିଜେଡି ତରଫରୁ ସିଏମସି ୫୪ନଂ ୱାର୍ଡରେ ସ୍ଥାନୀୟ କର୍ପୋରେଟର ତାପସ ରଂଜନ ସାମନ୍ତରାୟଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସଂଯୋଜନାରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀପଲ୍ଲୀ ଗଡାରୁ ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳ କର୍ମୀଙ୍କ ସହ ପଦଯାତ୍ରାରେ ବାହାରି ୱାର୍ଡର ଗାନ୍ଧିପଲ୍ଲୀ, ନେହେରୁ କଲୋନୀ, ପୋତାପୋଖରୀ, ଏଜି କଲୋନୀ, ଶାସ୍ତ୍ରୀନଗର, ନୂଆବଜାର ଅଞ୍ଚଳର ପ୍ରତି ଘରକୁ ଘର ଯାଇ ଭୋଟ ଭିକ୍ଷା କରିବା ସହ ନିର୍ବାଚନରେ ବିଜୟ ଲାଭ କରିବା ନିମନ୍ତେ ଆଶୀର୍ବାଦ ଲୋଡିଥିଲେ। ଏହି ପଦଯାତ୍ରାରେ ତନ୍ମୟ ରାଉତ, ପ୍ରକାଶ ପଟ୍ଟନାୟକ, ସନ୍ଦୀପ ମହାନ୍ତି, ଦେବାଶିଷ ପ୍ରଧାନ, ହୃଷିକେଶ ସାହୁ, ଶ୍ରୀଧର ଦାସ, ବିଭୁତି ଭୂଷଣ ସାହୁ, ଦେବାଶିଷ ଦଳାଇ, ସନାତନ ଦୋରା, ମହାଦେବ ଖମାରି, ରମେଶ ଚନ୍ଦ୍ର ମହାରଣା, ବିନୋଦ ନାୟକ, ରମେଶ ଦାସ, ଅବିନାଶ ବିଶ୍ୱାଳ, ଚନ୍ଦ୍ରକାନ୍ତ ଦାସ, ରଞ୍ଜିତ ମହାନ୍ତିଙ୍କ ସମେତ ବହୁ ମହିଳା, ଯୁବକ, ଛାତ୍ର ସାମିଲ ହୋଇଥିଲେ।

# କଟକିଆଙ୍କ ଚା' ଖଟିରେ ସଂତୃପ୍ତ

● ବିକାଶମୂଳକ କାର୍ଯ୍ୟର ବିସ୍ତୃତ ଆଲୋଚନା



କଟକ,୨୩।୫(ସମିସ): ବିଜୁ ଜନତା ଦଳର ଲୋକସଭା ସାଂସଦ ପ୍ରାର୍ଥୀ ଡଃ ସଂତୃପ୍ତ ମିଶ୍ର କଟକବାସୀଙ୍କ ଦୈନନ୍ଦିନ ଜୀବନ ସହ ମଧ୍ୟ ଯୋଡ଼ି ହେଉଛନ୍ତି। ନିର୍ବାଚନୀ ପ୍ରଚାର ସହିତ ଲୋକଙ୍କ ସୁଃଖଦୁଃଖରେ ଭାଗିଦାରୀ ହେଉଛନ୍ତି। ଗୁରୁବାର ସାଂସଦ ପ୍ରାର୍ଥୀ ଡଃ ମିଶ୍ରଙ୍କୁ ବାରବାଟୀ ଷ୍ଟାଡିୟମ ନିକଟସ୍ଥ ଚା' ଖଟିରେ ଦେଖିବାକୁ ମିଳିଥିଲା। ରୌପ୍ୟନଗରୀ କଟକ ପାଇଁ କେଉଁ ସବୁ ବିକାଶମୂଳକ କାର୍ଯ୍ୟର ଆବଶ୍ୟକତା ରହିଛି ସେ ଦିଗରେ ଲୋକଙ୍କ ସହ ଡଃ ମିଶ୍ର ଆଲୋଚନା କରିଥିଲେ। ଦିନକୁ ଦିନ ପରିସୀମା ବିସ୍ତାର କରୁଥିବା ଏହି ମହାନଗର ନିଗମ ଅଞ୍ଚଳବାସୀ କେଉଁ ସବୁ ମୌଳିକ ସମସ୍ୟା ଦେଇ ଗତି କରୁଛନ୍ତି ସେ ଦିଗରେ ଆଲୋକପାତ କରିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ବିଜୟ ଲାଭ କରିବା ପରେ ପ୍ରଥମେ କଟକବାସୀଙ୍କ ମତ ନେଇ କାର୍ଯ୍ୟ କରିବେ ବୋଲି ଡଃ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ସକାଳ ୬.୩୦ରେ ବକ୍ସିବଜାର ଗୋପବନ୍ଧୁ ବାଗ୍‌ରେ ସମର୍ଥକଙ୍କୁ ନେଇ ଡଃ ମିଶ୍ର ପହଞ୍ଚିଥିଲେ। ପ୍ରାତଃ ଭ୍ରମଣକାରୀଙ୍କୁ ଭେଟି ନିର୍ବାଚନ ହାଲଚାଲ୍ ପଚାରି ବୁଝିଥିଲେ। ସାମ୍ବିଧାନିକ ଅଧିକାରକୁ ରକ୍ଷା କରି ଆସନ୍ତା ୨୫ ତାରିଖରେ ସମସ୍ତେ ଏହି ଗଣତନ୍ତ୍ରର ମହାପର୍ବରେ ସାମିଲ ହେବା ସହ ନିଶ୍ଚିତ ମତଦାନ କରିବାକୁ ସେ ନିବେଦନ କରିଥିଲେ। ପରେ ମଧୁସୂଦନ ପାର୍କରେ ପହଞ୍ଚି ଲୋକଙ୍କ ସହ ଆଲୋଚନାରେ ଡଃ ମିଶ୍ର ଭାଗ ନେଇଥିଲେ। ସକାଳ ପ୍ରାୟ ୮ ଟାରେ ସେ ଚା' ଖଟିରେ ସାମିଲ ହୋଇଥିଲେ। ବାରବାଟୀ ଷ୍ଟାଡିୟମ ନିକଟରେ ଖଟି କରୁଥିବା ସହରର ଅନେକ ବୁଦ୍ଧିଜୀବୀ, କ୍ରୀଡ଼ାବିତ ଓ ଯୁବଗୋଷ୍ଠୀଙ୍କୁ ଡଃ ମିଶ୍ର ଭେଟିଥିଲେ। ବିଜୁ ଜନତା ଦଳର ଶାସନ କାଳରେ ରାଜ୍ୟର ବିକାଶ ଶୀର୍ଷକୁ ଛୁଇଁଛି। ଏହି ବିକାଶ ଧାରା ବଜାୟ ରଖିବାକୁ ହେଲେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ନିମନ୍ତେ ମୁଖ୍ୟମନ୍ତ୍ରୀ ଭାବେ ଅଧିଷ୍ଠିତ କରିବାକୁ ସାଂସଦ ପ୍ରାର୍ଥୀ ଡଃ ମିଶ୍ର ନିବେଦନ କରିଥିଲେ। ଏହି ଅବସରରେ କଟକରେ ନୂତନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା, ଫିଲିଗ୍ରୀ ହବ୍ ନିର୍ମାଣ ଆଦି ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା।

# କଟକ ଛାତ୍ର କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ



କଟକ,୨୩।୫(ସମିସ): ଆଜି ମଧ୍ୟାହ୍ନରେ ଚୌଧୁରୀବଜାର ସ୍ଥିତ କଳିଙ୍ଗ ଗେଷ୍ଟ ହାଉସ ଠାରେ କଟକ ଛାତ୍ର କଂଗ୍ରେସ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ନିରଞ୍ଜନ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋଷ ବାପାଙ୍କ କଟକ ସହରକୁ ଉନ୍ନତି ଏବଂ ବିକାଶ ପଥରେ ଆଗେଇ ନେବା ସହ କଟକ ସହରର ଭାଇଚାରାକୁ ସାରା ବିଶ୍ୱରେ ପହଞ୍ଚାଇବା ପାଇଁ ଆମେ ସମସ୍ତେ ମିଳିମିଶି କାମ କରିବା ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ବିଧାୟକ ମହମ୍ମଦ ମୋକିମ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନରେ କିପରି ପୁଣି ଥରେ କିପରି କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଜୟୀ କରିବ ସେଥିପାଇଁ ଆହ୍ୱାନ ଦେଇଥିଲେ। ଶେଷରେ ରାଜ୍ୟ ଯୁବ କଂଗ୍ରେସ ସଂପାଦକ ଅଲେଖ ବେହେରା ଧନ୍ୟବାଦ ଦେଇଥିଲେ। ବିଶ୍ୱଜିତ ସାହୁ, ଦେବାଶିଷ ମହାପାତ୍ର, ଶଶୀଭୂଷଣ ପ୍ରଧାନ, ରଶ୍ମୀରଞ୍ଜନ ପରିଡା, ବିମଲ ଢୋଲୀ, ଗୁଡ୍ଡୁ ଦାସ, ବ୍ରଜ ଭୂଷଣ ସାହୁ, ସରୋଜ ବର୍ଦ୍ଧନ, ସୁନୀଲ ଜେନା, ରୌନକ ପ୍ରଧାନ, ଚନ୍ଦନ ବେହେରା, ଦୀପ୍ତି ରଞ୍ଜନ ବାଗ, ରାଜେଶ ସାହୁ, ସ୍ୱାଧୀନ ମହାନ୍ତି, ସ୍ୱରାଜ ପଟ୍ଟନାୟକ, ଜ୍ୟୋତିକାନ୍ତ ଦାସ, ସୁନୀଲ ବିଶ୍ୱାଳ, ଶିବା ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ୩୬ନଂ ୱାର୍ଡରେ ବିଜେଡି ନିର୍ବାଚନୀ ସଭା




କଟକ,୨୩।୫(ସମିସ): ଆଗାମୀ ନିର୍ବାଚନ ଅବସରରେ ଚୌଦ୍ୱାର କଟକ ବିଜେଡି ତରଫରୁ ୩୬ନଂ ୱାର୍ଡରେ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସଂଯୋଜନାରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଆସନ୍ତା ୨୫ରେ ହେବାକୁ ଥିବା ସାଧାରଣ ନିର୍ବାଚନରେ କଟକ ଲୋକସଭା ସାଂସଦ ପ୍ରାର୍ଥୀ ଡଃ ସଂତୃପ୍ତ ମିଶ୍ର ଏବଂ ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳଙ୍କୁ ବିପୁଳ ସଂଖ୍ୟାରେ ଶଙ୍ଖ ଚିହ୍ନରେ ମତଦାନ କରିବା ପାଇଁ ୱାର୍ଡବାସୀଙ୍କୁ ନିବେଦନ କରିଥିଲେ। ଏହି ସମ୍ମିଳନୀରେ ସ୍ଥାନୀୟ କର୍ପୋରେଟର ମଧୁସ୍ମିତା ବାରିକ, ସଭାପତି ଦେବେନ୍ଦ୍ର ବାରିକ, ୱାର୍ଡ ପର୍ଯ୍ୟବେକ୍ଷକ ଅକ୍ଷୟ ପଣ୍ଡା, ଗ୍ରାମର ମୁରବୀ ଦେବେନ୍ଦ୍ର ସାହୁ, ବିଷ୍ଣୁ ଚରଣ ରାଉତ, ଧିରେନ ମହାନ୍ତି, ବିଷ୍ଣୁ ରାଉଳ, ଅମରେନ୍ଦ୍ର ରାଉତ, ପ୍ରସନ୍ନ ରାଉତ, ରାହୁଲ ଲେଙ୍କା, ସୌମିତ୍ ସ୍ୱାଇଁ, ରାଜେନ୍ଦ୍ର ରଣା, ସୁକାନ୍ତ ସାହୁ, ବିଭୂତି ସ୍ୱାଇଁ, ଦିଲ୍ଲୀପ ଜେନା, ସୁଜ୍ଞାନି ବାରିକ, ଯତିନ୍ ବେହେରା, ପବନା ରଣା, ସନାତନ ରାଉତ, କବି ରାଉତ, ମହେଶ୍ୱର ରାଉତ, ଇଲୁ ସାହୁ, ରବିନ୍ଦ୍ର ରଣା, ଅନୀଲ ସ୍ୱାଇଁ, ସୁନିଲ୍ ସ୍ୱାଇଁ, ଧଣ୍ଡୁଆ ବାରିକ୍, ଧଣ୍ଡୁଆ ବେହେରା, ନାରାୟଣ ରଣା, ଇଶ୍ୱର ବେହେରା, ପ୍ରଫୁଲ୍ଲ ଲେଙ୍କା, ଅକ୍ଷୟ ରାଉତ, ବାବୁଲା ରଣା, ଚନ୍ଦନ ରାଉତ, ଧୀରେନ୍ଦ୍ର ରାଉତ, ରାଜା ରଣା, ମହିଳା ନଗର କମିଟିର ସମ୍ପାଦକ ନମିତା ରାଉତ, କୁଇନ୍ ରାଉତ, ପଦ୍ମିନୀ ଲେଙ୍କା, ବବି ରାଉତଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଟଙ୍କା ବଣ୍ଟାକୁ ନେଇ ମହିଳା ଅଟକ

କଟକ,୨୩।୫(ସମିସ): ନିର୍ବାଚନ ପ୍ରଚାରର ଶେଷ ଦିନରେ ଟଙ୍କା ବଣ୍ଟା ଭଳି ଅଭିଯୋଗ ହୋଇଛି । ଏଭଳି ଘଟଣା ସତୀଚଉରା ଇମାମପଡା ବସ୍ତିରେ ଦେଖିବାକୁ ମିଳିଛି । ମର୍କତନଗର ଥାନା ପୁଲିସ ଜଣେ ମହିଳା ଓ ପୁରୁଷଙ୍କୁ ଅଟକ ରଖି ପଚରାଉଚରା କରୁଛି। ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତିଯେ, ବସ୍ତିରେ ଥିବା ଏକ ଅଙ୍ଗନବାଡି କେନ୍ଦ୍ରରେ ଗୁରୁବାର ସକାଳେ ମହିଳା ଜଣକ ଆସି ଟଙ୍କା ବାଣ୍ଟୁଥିଲେ। ଲୋକଙ୍କ ଠାରୁ ଏକ ରେଜିଷ୍ଟରରେ ଦସ୍ତଖତ ନେଇ ଜଣକା ୫୦୦ ଟଙ୍କା ଦେଉଥିଲେ। ତେବେ ଅନ୍ୟ ଏକ ଦଳକୁ ସମର୍ଥନ କରୁଥିବା କିଛି ଲୋକଙ୍କୁ ସେ ଟଙ୍କା ଦେଇ ନ ଥିଲେ। ଏହାକୁ ନେଇ ସକାଳେ ଅସନ୍ତୋଷ ପ୍ରକାଶ ପାଇଥିଲା।

# ସମ୍ବାଦପତ୍ର ବିକ୍ରେତା ସଂଘକୁ ଭେଟିଲେ ସଂତୃପ୍ତ



କଟକ,୨୩।୫(ସମିସ): ସମ୍ବାଦପତ୍ର ବିକ୍ରେତା ସଂଘ କର୍ମକର୍ତ୍ତା ଓ ଅନ୍ୟ ସଭ୍ୟଙ୍କୁ ବିଜେଡି ଲୋକସଭା ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ବକ୍ସିବଜାର ଠାରେ ଭେଟ କରିଥିଲେ। ସଂଘର କର୍ମକର୍ତ୍ତାମାନେ ନିଜର ଦାବି ଗୁଡ଼ିକ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ଉପସଭାପତି ପିତାମ୍ବର ବେହେରା, ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ମିଡିଆ ସେଲ୍‌ର ଅଧ୍ୟକ୍ଷ ପ୍ରଭାସ ପ୍ରଧାନ, କମିଟି ସଭ୍ୟ ମନୋଜ ପାଲ, ହିମାଂଶୁ ମହାପାତ୍ର, ମନୋଜ ପାଲ, ହିମାଂଶୁ ମହାପାତ୍ର, ବିଷ୍ଣୁ ବିଶୋଇ, ମାନସ ଦାସ, ସନ୍ତୋଷ ଦତ୍ତ, ଭାସ୍କର ଭୋଳ, ସୁନିଲ୍ ସାମନ୍ତରାଏ ଓ ଅମିନ୍ ପ୍ରମୁଖ ଯୋଗ ଦେଇଥିଲେ।

କମିସନରେଟ୍ ପୁଲିସ ପକ୍ଷରୁ ନିର୍ବାଚନ ପରିଚାଳନା

# ୭୨୨ ବୁଥ୍ ଉପରେ କଡ଼ା ନଜର

କଟକ,୨୩।୫(ସମିସ)

ଆଉ ଦିନକ ପରେ ଭୋଟ୍। ଏଥି ନିମନ୍ତେ କଟକ ୟୁପିଡି ଅନ୍ତର୍ଗତ ସମସ୍ତ ବୁଥ୍‌ରେ ସୁରକ୍ଷା ବଳୟ କଡାକଡି କରାଯାଇଛି। କଟକ ଲୋକସଭା ସଂସଦୀୟ କ୍ଷେତ୍ରରେ ଆସୁଥିବା ୭ଟି ନିର୍ବାଚନ ମଣ୍ଡଳୀରେ ମତଦାନ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ନିମନ୍ତେ କମିଶନରେଟ୍ ପୁଲିସ କରିଥିବା ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେଉଛି। ମତଦାନ, ଭୋଟ୍ ଗଣତି ଠାରୁ ଫଳାଫଳ ଘୋଷଣା କରାଯିବା ପର୍ଯ୍ୟନ୍ତ କଟକ ୟୁପିଡି ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ନିମନ୍ତେ ଡିସିପି ପ୍ରକାଶ୍ ଆର୍ ନିବେଦନ କରିଛନ୍ତି। ସେ କହିଛନ୍ତି, ଭୋଟ୍ ସମୟରେ କୌଣସି ପ୍ରକାର ବିଶୃଙ୍ଖଳା ଓ ନିର୍ବାଚନୀ ହିଂସାକୁ ପ୍ରଶୟ ଦିଆଯିବ ନାହିଁ। ସମସ୍ତ ଜନସାଧାରଣ ତଥା ଭୋଟର୍‌ମାନେ ପୁଲିସକୁ ସହଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ବୁଥ୍ ସମ୍ମୁଖରେ ଅଯଥା ଗହଳି, କୌଣସି ବ୍ୟକ୍ତିର ଇଚ୍ଛା ବିରୋଧରେ ତାଙ୍କୁ ଜୋର୍ ଜବରଦସ୍ତି ଚାପ ପ୍ରୟୋଗ କରି ନିର୍ଦ୍ଦିଷ୍ଟ ଦଳକୁ ସମର୍ଥନ ଦେବା ପାଇଁ କହିବା, ବୁଥ୍‌ର ୫୦୦ମିଟର ଭିତରେ ମେଳି କରିବା, ଟଙ୍କା ବାଣ୍ଟିବା ଏବଂ ବିନା କାରଣରେ ହୋହାଲ୍ଲା କରିବା ଉପରେ ପୁଲିସ କଟକଣା ଲଗାଇଛି। ଅଯଥାରେ ବୁଥ୍ ନିକଟରେ ଶବ୍ଦ ପ୍ରଦୂଷଣ କରିବାକୁ ବାରଣ କରାଯାଇଛି। ତେବେ ଶାନ୍ତି ଶୃଙ୍ଖଳାରେ ସାଧାରଣ ଭୋଟର୍‌ଙ୍କୁ ମତଦାନ କରିବାର ସୁଯୋଗ ଦେବାକୁ କମିଶନରେଟ୍ ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି।



● ସ୍ୱତନ୍ତ୍ର ସୁରକ୍ଷା ବଳୟରେ ୧୨୫ ବୁଥ୍
● ନିର୍ବାଚନୀ ହିଂସାକୁ ପ୍ରଶୟ ଦିଆଯିବନି: ଡିସିପି ପ୍ରକାଶ.ଆର୍
● ୨୪ପ୍ଲାଟୁନ୍ ସିଆର୍‌ପିଏଫ୍, ୧୯ଟି ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଓ ୫୩ଟି ମୋବାଇଲ୍ ୟୁନିଟ୍ ନିୟୋଜିତ

ପୁଲିସ ସୂଚନା ଅନୁସାରେ, କଟକ ଲୋକସଭା ସଂସଦୀୟ କ୍ଷେତ୍ରରେ ଆସୁଥିବା ୭ଟି ନିର୍ବାଚନ ମଣ୍ଡଳୀର ୭୨୨ବୁଥ୍ ଉପରେ କଡା ନଜର ରହିଥିବା ବେଳେ ସ୍ୱତନ୍ତ୍ର ସୁରକ୍ଷା ବଳୟରେ ୧୨୫ଟି ସମ୍ବେଦନଶୀଳ ବୁଥ୍ ରହିଛି। ଏ ସମସ୍ତ ବୁଥ୍‌ର କାର୍ଯ୍ୟକଳାପକୁ ସିସିଟିଭି ସର୍ଭେଲାନ୍ସରେ ରଖାଯାଇଛି। ଭୋଟ୍‌ଦାନ କେନ୍ଦ୍ର ଗୁଡ଼ିକରେ ସମୁଦାୟ ୨୪ପ୍ଲାଟୁନ୍ ସିଆର୍‌ପିଏଫ୍ (୮ କମ୍ପାନୀ) ମୁତୟନ କରାଯାଇଥିବା ବେଳେ ୧୯ଟି ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ନିୟୋଜିତ ହୋଇଛନ୍ତି। ୨୦ଟି ସ୍ପେଶାଲ୍ ଟାକ୍ଟିକାଲ୍ ୟୁନିଟ୍ ଓ ୫୩ଟି ମୋବାଇଲ୍ ୟୁନିଟ୍ କଟକ ୟୁପିଡି ଅନ୍ତର୍ଗତ ସମସ୍ତ ବୁଥ୍ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ୧୭୦ ପୁଲିସ ଅଫିସଙ୍କ ସମେତ ୧୦ଏସିପି ଓ ୪ଜଣ ଏଡିସିପିଙ୍କୁ ସୁରକ୍ଷା ଦାୟିତ୍ୱ ଦିଆଯାଇଛି। କେହି ଯେମିତି ଆଇନଶୃଙ୍ଖଳାକୁ ଭଙ୍ଗ ନକରନ୍ତି, ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ମତଦାନ ସମୟରେ ପ୍ରତି ବୁଥ୍‌ରେ କମିଶନରେଟ୍ ପୁଲିସ ସହିତ ସିଆରଫିଏଫ୍ ଯବାନ ଡ୍ୟୁଟି କରିବେ। ନିର୍ବାଚନ କମିଶନଙ୍କ ଗାଇଡ୍ ଲାଇନ୍ ଅନୁଯାୟୀ କମିଶନରେଟ୍ ପୁଲିସ ପ୍ରତି ବୁଥ୍‌କୁ ସୁରକ୍ଷା ଯୋଗାଇଦେବ ବୋଲି ଏଡିସିପି ଅନିଲ୍ କୁମାର ମିଶ୍ର ସୂଚନା ପ୍ରଦାନ କରିଛନ୍ତି। ଅନ୍ୟପଟେ ଚଳିତ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ ଓ ଅବାଧ କରିବା ପାଇଁ ୬୦ ପ୍ରତିଶତ ବୁଥରେ ୱେବ୍‌କାଷ୍ଟିଂ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ବୁଥ୍‌ରେ ସିସିଟିଭି ଲଗାଯିବା ସହ ମାଇକ୍ରୋ ଅବଜରଭରମାନଙ୍କୁ ନିୟୋଜିତ କରାଯାଇଛି। ନିର୍ବାଚନ ଅନିୟମିତତା ସମ୍ପର୍କିତ କୌଣସି ଅଭିଯୋଗର ପଞ୍ଜିକରଣ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ସମନ୍ୱିତ କଂଟ୍ରୋଲ ରୁମ୍ ଖୋଲାଯାଇଛି। ଏସବୁ ଉପରେ କମିଶନରେଟ୍ ପୁଲିସ ନଜର ରଖିଛି। ନିର୍ବାଚନ ପରିପ୍ରେକ୍ଷୀରେ ଅପରାଧ ଦମନକୁ ମଧ୍ୟ ପୁଲିସ ଗୁରୁତ୍ୱ ଦେଉଛି। ଚୋରା ନିଶା କାରବାର ରୋକିବା ଓ ସ୍ଥାନୀୟ ଅଞ୍ଚଳରେ ଗଣ୍ଡଗୋଳକାରୀଙ୍କ ଉପରେ ଦୃଷ୍ଟି ଦେବାକୁ ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବଳ(ସିଆରପିଏଫ୍) ସହିତ କମିଶନରେଟ ପୁଲିସ ମିଳିତ ଭାବେ ନିର୍ବାଚନରେ ସୁରକ୍ଷା ପରିଚାଳନା କରୁଥିବା ଜଣାପଡ଼ିଛି।

## ଜିଲ୍ଲାରେ ଭୋଟ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

# ୬୧୬ ଉତ୍ତେଜନାପ୍ରବଣ ବୁଥ୍‌ରେ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ମୁତୟନ

**କଟକ,୨୩।୫(ସମିସ)**

ଆସନ୍ତା ମଇ ୨୫ ତାରିଖରେ ଭୋଟ ଗ୍ରହଣ ହେବାକୁ ଥିବା କଟକ ଜିଲ୍ଲାର ସମସ୍ତ ନିର୍ବାଚନମଣ୍ଡଳୀର ଭୋଟଗ୍ରହଣ କେନ୍ଦ୍ରମାନଙ୍କରେ ସୁରକ୍ଷା ବନ୍ଦୋବସ୍ତ କଡାକଡି କରାଯାଇଛି। ଏହି ବ୍ୟବସ୍ଥାର ଏକ ଶେଷ ପର୍ଯ୍ୟାୟ ସମୀକ୍ଷା ବୈଠକ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସୁରକ୍ଷା ବନ୍ଦୋବସ୍ତ ସହ ବିଭିନ୍ନ ଆଇନ୍ ଶୃଙ୍ଖଳା ତଥା ସମ୍ବେଦନଶୀଳତା ଦୃଷ୍ଟିରୁ ଚିହ୍ନିତ ୬୧୬ଟି ଉତ୍ତେଜନାପ୍ରବଣ ଭୋଟ୍ ଗ୍ରହଣ କେନ୍ଦ୍ରରେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀ ମୁତୟନ କରାଯାଇଛି। ସୂଚନାଯୋଗ୍ୟ, ଭୋଟଗ୍ରହଣ କେନ୍ଦ୍ର ପରିସର ମଧ୍ୟକୁ ପ୍ରିଜାଇଡିଂ ଅଫିସର ଏବଂ ପ୍ରଥମ ପୋଲିଂ ଅଫିସରଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ମୋବାଇଲ୍ ଫୋନ ନେବା ନିଷେଧ କରାଯାଇଛି। ଏହାର ଖିଲାପ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଉଲ୍ଲେଖଯୋଗ୍ୟ ଯେ ଭୋଟଗ୍ରହଣ କେନ୍ଦ୍ର ପରିସର ନିକଟରେ ମୋବାଇଲ୍ ଫୋନ୍ ରଖିବାର କୌଣସି ପ୍ରଶାସନିକ ବ୍ୟବସ୍ଥା ନାହିଁ। ଜିଲ୍ଲାର ସମସ୍ତ ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା ତଥା କଟକ ପୌର ନିଗମ ଅଞ୍ଚଳରେ ବିଭିନ୍ନ ରାଜନୈତିକ ଦଳ ତଥା ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କ ପକ୍ଷରୁ ଲଗାଯାଇଥିବା ନିର୍ବାଚନ ପ୍ରଚାର ହୋର୍ଡିଂ, ବ୍ୟାନର, ପୋଷ୍ଟର ଓ ଅନଧିକୃତ ଟେଣ୍ଟ ମାନ ମଇ ୨୪ ତାରିଖ ସକାଳ ୧୧ଟା ସୁଦ୍ଧା ହଟାଇ ନେବା ପାଇଁ ଦୃଢ ନିର୍ଦ୍ଦେଶ ଦିଆଯାଇଛି। ଆଜିର ସମୀକ୍ଷା ବୈଠକରେ ଉପରୋକ୍ତ ବିଷୟଗୁଡିକ ପ୍ରତି ଜନସାଧାରଣଙ୍କୁ ସଚେତନ କରାଯିବା ସହ ଏହାକୁ କଡାକଡି ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଜିଲ୍ଲାରେ ନିର୍ବାଚନ ପରିଚାଳନା ତଦାରଖ କରୁଥିବା ସାଧାରଣ ପର୍ଯ୍ୟବେକ୍ଷକ, ଖର୍ଚ୍ଚ ପର୍ଯ୍ୟବେକ୍ଷକ, ପୁଲିସ୍ ପର୍ଯ୍ୟବେକ୍ଷକଙ୍କ ସହ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅରିନ୍ଦମ ଡାକୁଆ, ଆରକ୍ଷୀ ଉପାୟୁକ୍ତ କମିଶନରେଟ୍ ପୁଲିସ୍ କଟକ ପ୍ରକାଶ ଆର୍, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏଲ୍. ଦିବ୍ୟା ଏବଂ ଜିଲ୍ଲାର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।

**ପ୍ରିଜାଇଡିଂ ଓ ପ୍ରଥମ ପୁଲିଂ ଅଧିକାରୀଙ୍କ ବ୍ୟତୀତ ସମସ୍ତଙ୍କୁ ମୋବାଇଲ ଫୋନ୍ ବାରଣ**

# ବିଜେପି କର୍ମୀଙ୍କ ଆକ୍ରମଣରେ ନାବାଳକ ସମେତ ୫ ଆହତ

## ଟଙ୍କା ଓ ମଦ ବଣ୍ଟାକୁ ବିରୋଧ କରିବାରୁ ଆକ୍ରମଣ ଅଭିଯୋଗ





**ଟିଗିରିଆ,୨୩।୫(ସମିସ):** ଆଠଗଡ଼ ଥାନା ଅନ୍ତର୍ଗତ ତରଡିଙ୍ଗୀ ଗ୍ରାମର ହରିଜନ ସାହିରେ ରାଜନୈତିକ ହିଂସାକୁ ନେଇ ଗୋଟିଏ ଗୋଷ୍ଠୀ ପକ୍ଷରୁ ଅନ୍ୟ ପକ୍ଷର ଗୋଷ୍ଠୀ ଉପରେ ଆକ୍ରମଣ ହୋଇଛି। ଗୁରୁବାର ସନ୍ଧ୍ୟାରେ ବିଜେପି କର୍ମୀଙ୍କ ଦ୍ୱାରା ତରଡିଙ୍ଗ ଗାଁ ହରିଜନ ସାହିରେ ଟଙ୍କା ଓ ମଦ ବଣ୍ଟା ଯାଉଥିବା ବେଳେ ବିଜେଡି କର୍ମୀମାନେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ଦଳର କର୍ମୀମାନଙ୍କ ବିରୋଧରେ କଥା କଟାକଟି ହେବା ପରେ ବିଜେପି କର୍ମୀମାନେ ପାଖରେ ରଖିଥିବା ମାରାଣାସ୍ତ୍ରରେ ଅତର୍କିତ ଭାବେ ବିଜେଡି କର୍ମୀମାନଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ବିଜେଡିର ପାଞ୍ଚରୁ ଅଧିକ କର୍ମୀ ଆହାତ ହୋଇଥିଲା ବେଳେ ଜଣେ ନାବାଳକର ଅବସ୍ଥା ଗୁରୁତର ରହିଥିବା ବେଳେ ତାଙ୍କୁ କଟକ ଶିଶୁ ଭବନକୁ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ଘଟଣାସ୍ଥଳରେ ଆଠଗଡ଼ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ମାହାଙ୍ଗା ବିଜେଡିର ମିଶ୍ରଣ ପର୍ବ

# ବିଜେଡିରେ ମିଶିଲେ ୫ଶହରୁ ଊର୍ଦ୍ଧ୍ୱ ଅନ୍ୟ ଦଳର କର୍ମୀ



**ମାହାଙ୍ଗା,୨୩।୫(ସମିସ):** ଆଜି ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ଏକ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିଜୁ ଜନତା ଦଳ ପକ୍ଷରୁ ବିଧାୟକ ପ୍ରତାପ ଜେନାଙ୍କ ନେତୃତ୍ୱରେ ୯ଟି ପଞ୍ଚାୟତର ୫ ଶହରୁ ଊର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ନିର୍ବାଚନ ଯେତିକି ପାଖେଇ ଆସୁଛି ସେତିକି ମାତ୍ରାରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ବିରୋଧୀଙ୍କୁ ଝଟକା ଝଟକା ପରେ ଲାଗୁଛି। ଏହି କ୍ରମରେ ପଲ୍ଲିସାହି, ଜଳେଶ୍ୱରପୁର, ପାଇକରାପୁର, ମାହାଙ୍ଗା, ଚାହାପଡା, ରାହାଣିଆ, ଗୋପାଳପୁର, ଭଦ୍ରେଶ୍ୱର ଓ ସାହାପୁର ପଞ୍ଚାୟତର ୫ ଶହରୁ ଊର୍ଦ୍ଧ୍ୱର୍ ମହିଳା, ପୁରୁଷ, ୱାର୍ଡ ସଭ୍ୟ, ପୂର୍ବତନ ସରପଞ୍ଚ ଏବଂ ପୂର୍ବତନ ସରପଞ୍ଚ ପ୍ରାର୍ଥି ସମତେ ବହୁ ଯୁବକର୍ମୀ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନିର୍ମଳ ଶାସନରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଉଛନ୍ତି। ଏହି ଅବସରରେ ବିଧାୟକ ପ୍ରତାପ ଜେନା ନୂତନ ଭାବେ ଯୋଗଦେଇଥିବା କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗଚ୍ଛ ଦେଇ ସ୍ୱାଗତ କରିଥିଲେ। ଏଥିରେ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ବ୍ଲକ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ଯୁବନେତା ରବୀନ୍ଦ୍ର ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ହୃଷିକେଶ ସ୍ୱାଇଁ, ସରପଞ୍ଚଙ୍କ ପ୍ରତିନିଧି ସୁବାଷ ଜେନା, ସରପଞ୍ଚ କମଳାକାନ୍ତ ରାଉତ, ରଶ୍ମିରଞ୍ଜନ ରାଉତ, ସୁନାକର ବେହେରା, ଇଂ ଚିନ୍ମୟ ଜେନା, ତ୍ରିନାଥ ଜେନା, ରଜନୀକାନ୍ତ ପରିଡା ପ୍ରମୁଖ ଉପସ୍ଥିତ ରହି ମିଶ୍ରଣ ପର୍ବରେ ସହଯୋଗ କରିଥିଲେ।

# କୁରାଙ୍ଗପ୍ରଧାନରେ ବିଜେଡି କର୍ମୀ ସମାବେଶ



**ଫୁଲନଖରା,୨୩।୫(ସମିସ):** ନିଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରଙ୍ଗ ବ୍ଲକ ୩୩ନଂ ଜୋନ୍ କୁରାଙ୍ଗପ୍ରଧାନ ଗ୍ରାମପଞ୍ଚାୟତରେ ବିଜେଡି କର୍ମୀ ସମ୍ମିଳନୀ ସ୍ଥାନୀୟରାୟପୁରକୋଲ୍ଡଷ୍ଟୋର ପଡିଆରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ବିଜେଡି ସଭାପତି ସୁକାନ୍ତ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ନିଆଳି ନିର୍ବାଚନ ମଣ୍ଡଳରୀର ବିଧାୟକ ପ୍ରାର୍ଥୀ ଡାକ୍ତର ପ୍ରମୋଦ ମଲ୍ଲିକ ଯୋଗଦେଇ ପଞ୍ଚାୟତରେ କରାଯାଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିବା ସହିତ ପଞ୍ଚାୟତକୁ ଆହୁରି ଉନ୍ନତି ଓ ପ୍ରଗତିଶୀଳ କରିବା ପାଇଁ ୬ଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ହେଲେ ଯୋଡି ଶଙ୍ଖରେ ଭୋଟ ଦେବାକୁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବିନାରାୟଣ ଜେନା, ସରପଞ୍ଚ ସୁରେଶ ଭୋଇ, ଭାଇସ ଚେୟାରମ୍ୟାନ ବିଳାସିନୀ ମଲ୍ଲିକ, ସେକ୍ କଲିମ୍‌ଉଦ୍ଦିନ, କୈଳାସ ଚନ୍ଦ୍ର ବେହେରା, ବିଶ୍ୱରଞ୍ଜନ ସାହୁ, ଘନଶ୍ୟାମ ପାତ୍ର, ବ୍ଲକ ବିଜେଡି ଉପସଭାପତି ସ୍ମିତା ମହାନ୍ତି, ରାକେଶ ଜେନା, ଧିରେନ୍ଦ୍ର ଛୋଟରାୟ, ବୁଲି ଭୋଇ, ରୋଜାଲିନ୍ ମହାନ୍ତି, ପ୍ରଶାନ୍ତ ପ୍ରଧାନ, ଭରତ ମହାନ୍ତି, ହୃଷିକେଶ ଛୋଟରାୟ, ମନୋଜ ତରାଇ, ପ୍ରସନ୍ନ ସାହୁ, ମିନତୀ ବେହେରା, କଲ୍ୟାଣୀ ସାହୁ, ଭରତ ସାମଲ, କାଜଲ ମହାନ୍ତି, ପୂର୍ଣ୍ଣିମା ପାତ୍ର, ଅଜୟ ସାମଲ, ପ୍ରଶାନ୍ତ ସାହୁ, ବିଭୁତିଭୂଷଣ ଜେନା, ବିଜୟ ମହାନ୍ତି, ମହମ୍ମଦ ନୁରଙ୍କ ସମେତ ପ୍ରାୟ୨ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ।

# ଦଳ ବିରୋଧୀ କାର୍ଯ୍ୟ ପାଇଁ କୁହୁଣ୍ଡା ସମିତିସଭ୍ୟା ଓ ବିଜେଡି ନେତା ନିଲମ୍ବିତ

**ମାହାଙ୍ଗା,୨୩।୫(ସମିସ):** ଦଳ ବିରୋଧି କାର୍ଯ୍ୟ ପାଇଁ ମାହାଙ୍ଗା ନିର୍ବାଚନ ମଣ୍ଡଳୀ କୁହୁଣ୍ଡା ପଞ୍ଚାୟତର ସମିତିସଭ୍ୟା ସୁପ୍ରଭା ସାମଲ ଓ ତାଙ୍କ ସ୍ୱାମୀ ତଥା ବିଜେଡି ନେତା ଅଖିଳେଶ ପଦ ମହାନ୍ତିଙ୍କୁ ମାହାଙ୍ଗା ବିଜୁ ଜନତା ଦଳ ପକ୍ଷରୁ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା ଦଳରୁ ନିଲମ୍ବିତ କରିଛନ୍ତି। ସୂଚନାଥାଉକି ସୁପ୍ରଭା ସାମଲ ବିଜେଡି ଦଳ ସମର୍ଥନରେ ଗତ ପଞ୍ଚାୟତ ନିର୍ବାଚନରେ ସମିତିସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ତାଙ୍କ ସ୍ୱାମୀ ତଥା କୁଣ୍ଡି କୃଷି ସମବାୟ ସମିତିର ସଭାପତି ଅଖିଳେଶ ପଦ ମହାନ୍ତି ଉଭୟଙ୍କ ଦଳ ବିରୋଧି କାର୍ଯ୍ୟ ପାଇଁ ବିଜେଡି ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବିତ କରାଯାଇଥିବା ଏକ ପ୍ରେସ ଇସ୍ତାହାରରେ ବ୍ଲକ ବିଜେଡି ସଭାପତି ଶ୍ରୀ ଜେନା ସୂଚନା ଦେଇଛନ୍ତି।

# ଶିମିଳିପୁରରେ ବିଜେଡିର ପ୍ରଚାର



**ବାଙ୍କୀ,୨୩।୫(ସମିସ):** ଆଜି ଶିମିଳିପୁର ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ଏକ ମୋଟର ସାଇକଲ୍ ଶୋଭାଯାତ୍ରାରେ ଘରକୁ ଘର ବୁଲି ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ଏବଂ ସାଂସଦ ପ୍ରାର୍ଥୀ ଡକ୍ଟର ସଂତୃପ୍ତ ମିଶ୍ରଙ୍କ ପାଇଁ ଯୋଡି ଶଙ୍ଖରେ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଭୋଟରଙ୍କୁ ଆସନ୍ତା ୨୫ତାରିଖରେ ଯୋଡି ଶଙ୍ଖରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରାଇବା ପାଇଁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ବିଜେଡି ଉପସଭାପତି ସୁବୋଧ ସାମଲ, କେନ୍ଦ୍ରୀୟ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ମିନତୀ ମହାପାତ୍ର, ସମିତିସଭ୍ୟା ଝୁନା ନାୟକ, ଗାଁ ସରପଞ୍ଚ ଇନ୍ଦୁମତି ସେଠୀ, ଦେବୀଦତ୍ତ ବିଭୂତି ରାୟ, ସନ୍ତୋଷ ସାହୁ, ଶିମିଳିପୁର ସେବା ସମବାୟ ସମିତି ସଭାପତି ବିଭୁପ୍ରସାଦ ସାମଲ, ଇନ୍ଦ୍ରମଣି ନାୟକ, ଅନ୍ତର୍ଯାମୀ ନାୟକ, ବେଣୁଧର ସାମଲ, ଉପନଗରପାଳ ସନ୍ତୋଷ ରଣା, ସମରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ଲୋକଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ କହିଥିଲେ।

# ବାଙ୍କୀର ବିଭିନ୍ନ ସ୍ଥାନରେ ବିଜେଡିର ମିଶ୍ରଣ ପର୍ବ



**ବାଙ୍କୀ,୨୩।୫(ସମିସ):** ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ପଞ୍ଚାୟତର ଏକ ମିଶ୍ରଣ ପର୍ବ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାଆଁରା ପଞ୍ଚାୟତର ରାମଚଣ୍ଡୀ ଗ୍ରାମର ନିଲୁ ସାହୁ, ପ୍ରଫୁଲ୍ଲ ଓଝା, ରଞ୍ଜନ ସାହୁ, କିଷାନ ସାହୁ, ରାଜକିଶୋର ସାହୁ, ବିନୟ ସାହୁ, ଗୁଡୁ ଲେଙ୍କା, ଚନ୍ଦନ ସାହୁ ପ୍ରଭୃତି ବହୁ ଯୁବକ ଅନ୍ୟଦଳ ଛାଡି ବିଜେଡି ଦଳରେ ସାମିଲ୍ ହୋଇଥିଲେ। ଏହି ଯୁବକଙ୍କୁ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଉତ୍ତରୀୟଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମ ବିଜେଡି ନେତା ପ୍ରକାଶ ସାହୁ, ସମିତିସଭ୍ୟ ପ୍ରତିନିଧି ବୁଦ୍ଧେଶ୍ୱର ନାୟକ, ପ୍ରତାପ ରାଉତ, ପୁରନ୍ଦର ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ତାଳବସ୍ତରେ ବିଜେଡିରେ ମିଶ୍ରଣ ପର୍ବ



**ବାଙ୍କୀ:** ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ପଞ୍ଚାୟତରେ ବିଜେଡି ଦଳ ତରଫରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଦନପୁର ଗ୍ରାମର ବରେନ୍ଦ୍ର ସାହୁ, ରଘୁନାଥ ସାହୁ, ଅପର୍ତ୍ତି ସ୍ୱାଇଁ, କାଶିନାଥ କରଣ, କାଶିନାଥ ପଣ୍ଡା, ମାନସ ସ୍ୱାଇଁ, ବିପିନ ବାରିକ, ମୁରଲୀ ପ୍ରଧାନ, ବାଙ୍କ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ନାୟକ, ସୁରଥ ବାରିକ, ରବିନ୍ଦ୍ର ଦାଶ, ରବିନ୍ଦ୍ର ପ୍ରଧାନ, ପର୍ଶୁରାମ ସ୍ୱାଇଁ ପ୍ରଭୃତି ବହୁ ଯୁବକ ବିଜେଡି ଦଳ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିଲେ। ସେମାନଙ୍କୁ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବିଜେଡି ନେତା ରାଜକିଶୋର ମହାନ୍ତି, କାଶିନାଥ ପ୍ରଧାନ, ବରେନ୍ଦ୍ର ସ୍ୱାଇଁ ପ୍ରଭୃତି ଅନେକ ସ୍ଥାନୀୟ ନେତା ଉପସ୍ଥିତ ଥିଲେ।

# ବାଙ୍କୀ ଏନ୍‌ଏସିରେ ବିଜେଡିର ଶୋଭାଯାତ୍ରା



ବାଙ୍କୀ,୨୩।୫(ସମିସ): ବାଙ୍କୀ ବିଜୁ ଜନତା ଦଳ ପକ୍ଷରୁ ଏକ ବିରାଟ ମୋଟରସାଇକଲ ଶୋଭାଯାତ୍ରା ଡମପଡ଼ା ବ୍ଲକ ଛକଠାରୁ ଆରମ୍ଭ ହୋଇଥିଲା। ଏଥିରେ ବାଙ୍କୀ ବିଧାନସଭା ବିଜେଡି ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ଘରକୁ ଘର ବୁଲି ଶଙ୍ଖଚିହ୍ନରେ ମୋହର ମାରି ବିପୁଳ ସଂଖ୍ୟାରେ ଜୟଯୁକ୍ତ କରିବା ପାଇଁ ଭୋଟରଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଲୋକମାନଙ୍କୁ ଗୋଟିଏ ଭୋଟ ବାଙ୍କୀ ବିଧାନସଭା ବିଜେଡି ପାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ଓ ଅନ୍ୟ ଗୋଟିଏ ଭୋଟ୍ କଟକ ଲୋକସଭା ବିଜେଡି ପ୍ରାର୍ଥୀ ଡକ୍ଟର ସଂତୃପ୍ତ ମିଶ୍ରଙ୍କୁ ଯୋଡି ଶଙ୍ଖରେ ଭୋଟ ଦେଇ ଜୟଯୁକ୍ତ କରାଇବା ପାଇଁ ଅନୁରୋଧ କରିଥିଲେ। ରଣପୁର, ଚର୍ଚ୍ଚିକା, ବେଦପୁର, ଖମାରଙ୍ଗ, ଶିଶୁଆ, ଚକାପଦା, ସାହାଡାପଦା, ଡାଙ୍ଗିପିଟା, ମନ୍ତ୍ରୀସାହି, ମନ୍ଦିର ସାହି ଆଦି ୧୭ଟି ୱାର୍ଡ ଘରକୁ ଘର ବୁଲି ଭୋଟ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଙ୍କୀ ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ ରଣା, ନଗର ବିଜେଡି ସଭାପତି ହରେକୃଷ୍ଣ ଦାଶ, କାର୍ଯ୍ୟକାରୀ ନଗର ସଭାପତି ଭାଗୀରଥି ବିଶ୍ୱାଳ, କାଉନସିଲର ସନାତନ ବେହେରା, ସୋ÷ମେନ୍ଦ୍ର ମିଶ୍ର, ଛାତ୍ରବିଜେଡି ସଭାପତି ବ୍ରଜବଲ୍ଲଭ କର, ଉପସଭାପତି ପ୍ରଶାନ୍ତ ଦଳେଇ, ନଗର ଯୁବବିଜେଡି ସଭାପତି ପଠାଣୀ ବେହେରା, ଶ୍ରୀନିବାସ ବେହେରା, ଜାମିନିକାନ୍ତ ମହାପାତ୍ର, ଡମପଡ଼ା ବ୍ଲକ ବିଜେଡି ସଭାପତି ଭାଗୀରଥି ପାଣି ସମେତ ବହୁ ବିଜେଡି କର୍ମକର୍ତ୍ତା ଘରକୁ ଘର ବୁଲି ଆଶୀର୍ବାଦ ଭିକ୍ଷା କରିଥିଲେ।

# ବଡ଼ମ୍ବାରେ ସରିଲା ନିର୍ବାଚନ ପ୍ରଚାର

**ନରସିଂହପୁର,୨୩।୪(ସମିସ):** ବଡ଼ମ୍ବା ବିଧାନସଭା ନିର୍ବାଚନ ଆସନ୍ତା ୨୫ ତାରିଖ ଦିନ ଅନୁଷ୍ଠିତ ହେବ। ଚଳିତ ନିର୍ବାଚନରେ ମୁଖ୍ୟତଃ ବିଜେଡି ପ୍ରାର୍ଥୀ ଦେବୀପ୍ରସାଦ ମିଶ୍ର, ବିଜେପି ପ୍ରାର୍ଥୀ ସମ୍ବିତ ତ୍ରିପାଠୀ ଏବଂ ସ୍ୱାଧୀନ ପ୍ରାର୍ଥୀ ବିଜୟ ଦଳବେହେରାଙ୍କ ମଧ୍ୟରେ ଲଢେଇ ହେବ। ଆଜି ପ୍ରଚାରର ଶେଷ ଦିନରେ ଦେବୀ ପ୍ରସାଦ ମିଶ୍ର, ସମ୍ବିତ ତ୍ରିପାଠୀ ଏବଂ ବିଜୟ ଦଳବେହେରା ନିଜର ସମର୍ଥକଙ୍କ ସହ ବଡ଼ମ୍ବା ବିଧାରପୂର ଠାରୁ ନରସିଂହପୁର ବାଲିପୁଟ ପର୍ଯ୍ୟନ୍ତ ରୋଡ୍ ସୋ କରି ନିଜର ପତିଆରା ଦେଖାଇଥିଲେ। ନିର୍ବାଚନକୁ ଦୃଷ୍ଟିରେ ରଖି ଆଇନ୍‌ଶୃଙ୍ଖଳା ବ୍ୟବସ୍ଥା କଡାକଡି କରାଯାଇଛି।

# ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ପ୍ରଚାର

**ବଡ଼ମ୍ବା, ୨୩।୫(ସମିସ):** ଆଜି ବଡମ୍ବାରେ ବିଜେପି ବିଧାୟକ ପ୍ରାର୍ଥୀ ସମ୍ବିତ ତ୍ରିପାଠୀ ଓ ସାଂସଦ ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କ ପାଇଁ ନିର୍ବାଚନୀ ପ୍ରଚାର କରିଛନ୍ତି ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା। ହଜାର ହଜାର ବିଜେପି କର୍ମୀଙ୍କୁ ନେଇ ଆଜି ବଡ଼ମ୍ବା କଚେରୀ ଠାରେ ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ବଡମ୍ବା ନରସିଂହପୁର ବାସୀଙ୍କୁ ପଦ୍ମ ଫୁଲ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। କାର୍ଯ୍ୟକମରେ ବଡମ୍ବା ନରସିଂହପୁରର ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସମାଗମ ହୋଇଥିଲା ଏହି କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ମିଶ୍ର, ନିରଞ୍ଜନ ଶତପଥି, ସରୋଜ ରଣା, ସୂର୍ଯ୍ୟ କିଶୋର ମହାନ୍ତି, ରାମ ନାରାୟଣ ମହାନ୍ତି ପ୍ରମୁଖ ମଞ୍ଚାସିନ ଥିଲେ।



## ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀ

# ସୌଭିକଙ୍କ ସ୍ଥିତି ସୁଦୃଢ଼

**କଟକ,୨୩।୫(ସମିସ)**

ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏଥର ସାଧାରଣ ନିର୍ବାଚନ ରୋଚକପୂର୍ଣ୍ଣ ହେବ ବୋଲି ଅନୁମାନ କରାଯାଉଛି। ୨୦୧୯ ଭଳି ଏଥର ମଧ୍ୟ ୧୨ଜଣ ପ୍ରାର୍ଥୀ ନିର୍ବାଚନ ମୈଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ତେବେ ବିଜୁ ଜନତା ଦଳରୁ ପୁର୍ନବାର ଟିକଟ ପାଇଥିବା ଯୁବ ନେତା ସୌଭିକ ବିଶ୍ୱାଳ, ବିଜେପିର ବରିଷ୍ଠ ନେତା ନୟନ କିଶୋର ମହାନ୍ତି ଏବଂ କଂଗ୍ରେସର ନୂଆମୁହଁ ମୀରା ମଲ୍ଲିକଙ୍କ ମଧ୍ୟରେ ମୁଖ୍ୟତଃ ଲଢ଼େଇ ହେବ ବୋଲି କୁହାଯାଉଛି। ନାମାଙ୍କନ ପର ଠାରୁ ନିର୍ବାଚନୀ ସଭା, ଶୋଭାଯାତ୍ରା ଏବଂ କର୍ମୀ ସମ୍ମିଳନୀକୁ ନଜର ପକାଇଲେ ସୌଭିକଙ୍କ ସ୍ଥିତି ସୁଦୃଢ଼ ଥିବା ଜଣାପଡ଼ିଛି। ପୁଣି ଥରେ ଚୌଦ୍ୱାର-କଟକ ଆସନ ଅକ୍ତିଆର କରିବାକୁ ସୌଭିକ ଲକ୍ଷ୍ୟ ରଖିଥିବା ବେଳେ ଅଭିଜ୍ଞ ନେତା ନୟନ ବିଜେପି କର୍ମୀଙ୍କୁ ଏକଜୁଟ କରି ବିଜୟ ପାଇଁ ବଳ କଷୁଛନ୍ତି। ସେହିପରି ମୀରାଙ୍କ ପାଇଁ ରାଜନୀତି ନୂଆ ହୋଇଥିବା ସତ୍ତ୍ୱେ ବିଶାଳ ଶୋଭଯାତ୍ରା ଜରିଆରେ କଂଗ୍ରେସର ସ୍ଥିତିକୁ ସେ ଏଠାରେ ଜାହିର କରିବାକୁ ଉଦ୍ୟମ ଚଳାଇଛନ୍ତି।

ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ଭୋଟରଙ୍କ ସଂଖ୍ୟା ହେଉଛି, ୨ଲକ୍ଷ ୩୩ହଜାର ୭୨୦। ୩ ହଜାର ୭୬୨ଜଣ ଭିନ୍ନକ୍ଷମ ଭୋଟର ଏବଂ ୨ହଜାର ୭୫୯ଜଣ ହେଉଛନ୍ତି ବୟସ୍କ ଭୋଟର। ୨୧୨ଟି ବୁଥ୍‌ରେ ମତଦାନ ହେବ। ଏହା ମଧ୍ୟରୁ ୩୩ଟି ସଖୀ ବୁଥ୍, ୩୬ଟି ମଡେଲ ବୁଥ୍ ଏବଂ ୯୩ଟି ବୁଥକୁ ସମ୍ବେଦନଶୀଳ ଚିହ୍ନଟ କରାଯାଇଛି। ପୂର୍ବତନ ବିଧାୟକ ତଥା ବିଜେଡିର ଟାଣୁଆ ନେତା ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ପୁଅ ସୌଭିକ ପୁଣି ଥରେ ବିଜୁ ଜନତା ଦଳର ଟିକଟ ପାଇଛନ୍ତି। ପ୍ରଭାତଙ୍କ ଲୋକପ୍ରିୟତା ସୌଭିକଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେଉଛି। ପ୍ରାୟ ଦୁଇ ଦଶନ୍ଧି ଧରି ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ପ୍ରଭାତଙ୍କ ଦବଦବା ରହିଛି। ଗତ ସାଧାରଣ ନିର୍ବାଚନରେ ପ୍ରଭାତଙ୍କ ବଦଳରେ ସୌଭିକଙ୍କୁ ବିଜୁ ଜନତା ଦଳ ଟିକଟ ଦେଇଥିଲା। ୧ ଲକ୍ଷ ୩୬ ହଜାର ୯୩୮ ମତଦାନ ହୋଇଥିବା ବେଳେ ସୌଭିକ ସର୍ବାଧିକ ୬୬ହଜାର ୩୧୦ ଭୋଟ୍ ପାଇଁ ବିଜୟୀ ହୋଇଥିଲେ। ବିଜେପିର ବରିଷ୍ଠ ନେତା ନୟନ ୪୪ହଜାର ୨୦୧ଖଣ୍ଡ ଭୋଟ୍ ପାଇ ସୌଭିକଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ରହିଥିଲେ। ସ୍ୱାଧୀନ ପ୍ରାର୍ଥୀ ଦୀପକ କୁମାର ବାରିକ ଗତବର୍ଷ ୧୪ହଜାର ୯୬୯ ଖଣ୍ଡ ଭୋଟ ପାଇ ୩ୟ ସ୍ଥାନରେ ରହିଥିଲେ। ଏଥର ନୟନ ପୁର୍ନବାର ନିର୍ବାଚନ ଲଢୁଥିବା ବେଳେ ଦୀପକ ନାମାଙ୍କନ ପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ଏଣୁ ଦୀପକଙ୍କ ସମର୍ଥିତ ପ୍ରାର୍ଥୀଙ୍କ ଭୋଟ୍ ଏଠାରେ ନିର୍ଣ୍ଣାୟକ ହୋଇପାରେ ବୋଲି କୁହାଯାଉଛି। ବିଗତ ସାଧାରଣ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଜଗଦୀଶ ମହାନ୍ତି ମାତ୍ର ୬ହଜାର ୮୮୧ ଖଣ୍ଡ ଭୋଟ ପାଇଥିଲେ।

ଏଥର ମୀରାଙ୍କ ଉପରେ ଭରସା କରିଛି କଂଗ୍ରେସ। ମୀରା ରାଜନୀତିରେ ନୂଆ ମୁହଁ ହୋଇ ପାରନ୍ତି, କିନ୍ତୁ ରାଜନୀତିରେ ମୀରାଙ୍କ ପାରିବାରିକ ସ୍ଥିତି ବେଶ୍ ପୁରୁଣା। ମୀରା ହେଉଛନ୍ତି କଂଗ୍ରେସ ନେତା ରବି ମଲ୍ଲିକଙ୍କ ବୋହୂ। ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର ସମସ୍ତ କଂଗ୍ରେସ ନେତା ଓ କର୍ମୀଙ୍କୁ ଏକଜୁଟ କରିବା ଦିଗରେ ମୀରା ଜୋରଦାର ଉଦ୍ୟମ ଚଳାଇଛନ୍ତି।

ମୋଟ୍ ୧୨ଜଣ ପ୍ରାର୍ଥୀ ଏଥର ନିର୍ବାଚନ ଲଢୁଛନ୍ତି। ଉପରୋକ୍ତ ତିନିଜଣ ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀଙ୍କୁ ବାଦ୍ ଦେଲେ ବହୁଜନ ସମାଜ ପାର୍ଟିରୁ ମନୋରଞ୍ଜନ ଦଳାଇ, ଆମ ଆଦମୀ ପାର୍ଟିରୁ ବିଜୟଲକ୍ଷ୍ମୀ ମହାପାତ୍ର, କମ୍ୟୁନିଷ୍ଟ ପାର୍ଟିରୁ ଖଗେଶ୍ୱର ସେଠୀ, ସମୃଦ୍ଧ ଓଡ଼ିଶାରୁ ଲୁଲୁ ବିଶ୍ୱାଳ ନିର୍ବାଚନ ଲଢ଼ିବେ। ଏହାଛଡ଼ା ୫ଜଣ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ଏମାନେ ହେଲେ ବିପ୍ଳବ ନନ୍ଦ, ରଞ୍ଜିତ ମଲ୍ଲିକ, ରୂପାଲି ଲେଙ୍କା, ଶୋଭା ପାଣ୍ଡେ ଓ ସୁକାନ୍ତ ଚନ୍ଦ୍ର ସାହାଣୀ।

**ମଇଦାନକୁ ଓହ୍ଲାଇଛନ୍ତି ୧୨ ଜଣ ପ୍ରାର୍ଥୀ**

**ବଳ କଷୁଛନ୍ତି ଅଭିଜ୍ଞ ନୟନ ଓ ନୂଆ ମୁହଁ ମୀରା**

## ସିପିଆଇଏମ୍ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଆହ୍ୱାନ

**ସାଲେପୁର,୨୩।୫(ସମିସ):** ଏଥର ନିର୍ବାଚନରେ ମୋଦୀ ସରକାରଙ୍କ ଅନ୍ତ ଘଟାଇ ସମଗ୍ର ଦେଶ ଓ ରାଜ୍ୟରେ ଇଣ୍ଡିଆ ମେଣ୍ଟ ଶାସନ ପ୍ରତିଷ୍ଠା କରିବା ପାଇଁ ଇଣ୍ଡିଆ ମେଣ୍ଟର ଅଂଶୀଦାରୀ ଦଳ ମାନେ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସାଲେପୁର ବିଧାନସଭା ଆସନରେ ଇଣ୍ଡିଆ ମେଣ୍ଟର ପ୍ରାର୍ଥୀ ବିଶିଷ୍ଟ ବାମପନ୍ଥୀ ନେତା ବଦ୍ରିନାରାୟଣ ଦାଶ ଟାଙ୍ଗୀ ସାଲେପୁର ଅଞ୍ଚଳର କୃଷକ, ଶ୍ରମିକ, ମହିଳା, ଛାତ୍ର, ଯୁବକ, ଦଳିତ ଆଦିବାସୀମାନଙ୍କର ପ୍ରତିଟି ନାର୍ଯ୍ୟ ଆନ୍ଦୋଳନରେ କାର୍ଯ୍ୟ କରିଆସୁଛନ୍ତି। ସାଲେପୁର ନିର୍ବାଚନ ମଣ୍ଡଳୀରେ ଜନସାଧାରଣଙ୍କ ସ୍ୱରକୁ ବିଧାନସଭାରେ ଶାଣିତ ଭାବେ ଉପସ୍ଥାପନ କରିବା ପାଇଁ ବଦ୍ରିନାରାୟଣ ଦାଶଙ୍କୁ ଦା ହାତୁଡ଼ି ତାରା ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାପାଇଁ ସିପିଆଇଏମ୍ ରାଜ୍ୟ ସଂପାଦକ ଅନୀଲ କିଶୋର ପଟ୍ଟନାୟକ, ସିପିଆଇ ରାଜ୍ୟ ସଂପାଦକ ଅଭୟ ସାହୁ ପ୍ରମୁଖ ସାଲେପୁରବାସୀଙ୍କୁ ନିବେଦନ କରିଛନ୍ତି।

## ବାଙ୍କୀ କଂଗ୍ରେସ ପକ୍ଷରୁ ପ୍ରଚାର



**ବାଙ୍କୀ,୨୩।୫(ସମିସ):** ଆଜି ବାଙ୍କୀ କଂଗ୍ରେସ ପକ୍ଷରୁ ସରଣ୍ଡା ଅଞ୍ଚଳରେ ନିର୍ବାଚନ ପାଇଁ ଭୋଟ ପ୍ରଚାର କରାଯାଇଛି। ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା କଂଗ୍ରେସ ପ୍ରାର୍ଥୀ ଡକ୍ଟର ଦେବାଶିଷ ପଟ୍ଟନାୟକଙ୍କ ପତ୍ନୀ ଡ. ଇପସିତା ଶତପଥୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମକର୍ତ୍ତାମାନେ ସରଣ୍ଡା ଅଞ୍ଚଳର ବାଉଁପୁଟ ପଞ୍ଚାୟତ ସମତେ ବିଭିନ୍ନ ପଞ୍ଚାୟତର ଘରକୁ ଘର ବୁଲି କଂଗ୍ରେସ ପ୍ରାର୍ଥୀ ଡକ୍ଟର ପଟ୍ଟନାୟକଙ୍କ ପାଇଁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଆଇନଜୀବୀ ତଥା ବରିଷ୍ଠ କଂଗ୍ରେସ ନେତା ବିଶ୍ୱରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଜେପି ପାଇଁ ପ୍ରଚାରକଲେ ଯୋଗୀ ଆଦିତ୍ୟନାଥ

**ନିଶ୍ଚିନ୍ତକୋଇଲି,୨୩।୫(ସମିସ):** ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଯୋଗୀ ଆଦିତ୍ୟନାଥ କେନ୍ଦ୍ରାପଡ଼ା ସାଂସଦୀୟ କ୍ଷେତ୍ର ଅନ୍ତର୍ଗତ ମାହାଙ୍ଗା ବିଧାନସଭା କ୍ଷେତ୍ରର ନିଶ୍ଚିନ୍ତକୋଇଲି ବ୍ଲକ କୁଳିଆ ଆରଏମସି ପଡ଼ିଆରେ ଭାରତୀୟ ଜନତା ପାର୍ଟିର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇଥିଲେ। କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ଏହାର ଅନ୍ତର୍ଗତ ମାହାଙ୍ଗା ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡ଼େଇ, ସାଲେପୁର ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ, କେନ୍ଦ୍ରାପଡ଼ା ବିଧାୟକ ପ୍ରାର୍ଥୀ ଗୀତାଞ୍ଜଳି ସେଠୀ, ପାଟକୁରା ବିଧାୟକ ପ୍ରାର୍ଥୀ ତେଜସ୍ୱୀ ପରିଡ଼ା, ମହାକାଳପଡ଼ା ବିଧାୟକ ପ୍ରାର୍ଥୀ ଦୁର୍ଗାପ୍ରସନ୍ନ ନାୟକ, ଆଳି ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା, ରାଜନଗର ବିଧାୟକ ପ୍ରାର୍ଥୀ ଲଳିତ ବେହେରାଙ୍କୁ ଡବଲ ପଦ୍ମ ଚିହ୍ନରେ ସୁଇଚ୍ ଟିପି ବିପୁଳ ସଂଖ୍ୟାରେ ଜୟଯୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। କଟକ ଜିଲ୍ଲା ବିଜେପି ସଭାପତି ରାମନାରାୟଣ ମହାନ୍ତିଙ୍କ ସଂଯୋଜନାରେ ସଭା କାର୍ଯ୍ୟ ପରିଚାଳନା କରାଯାଇଥିଲା ବେଳେ ବିଜେପି ନେତା ବିନୋଦ ଦାସ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଓ ଜିଲ୍ଲାସ୍ତରର ବହୁ ବିଜେପି ଯୁବ, ମହିଳା ଓ ନେତୃବୃନ୍ଦ ଯୋଗଦେଇଥିଲେ।

## କବି ସୁନୀଲ ପୃଷ୍ଟିଙ୍କ ପରଲୋକରେ ଶୋକ



**ବାଙ୍କୀ,୨୩।୫(ସମିସ):** ଓଡ଼ିଶାର ବିଶିଷ୍ଟ କବି ଓ ସଂପାଦକ ତଥା ବାଙ୍କୀ ସାଂସ୍କୃତିକ ସମାଜ ଓ ଚିନ୍ତାଚେତନାର ସଦସ୍ୟ କବି ସୁନୀଲ୍ ପୃଷ୍ଟିଙ୍କ ଆଜି ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି। ତାଙ୍କର ପତ୍ନୀ ଗୀତା ଦୀକ୍ଷିତ କଳାପଥର ଧଳାପଥର ଆଞ୍ଚଳିକ ମହାବିଦ୍ୟାଳୟରେ ଅଧ୍ୟକ୍ଷା ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ପରଲୋକରେ ବାଙ୍କୀରେ ଶୋକର ଛାୟା ଖେଳିଯାଇଛି। ଏହି ଅବସରରେ ଏକ ଶୋକସଭା ଆଜି ବାଙ୍କୀ ସାଂସ୍କୃତିକ ସମାଜ ଓ ଚିନ୍ତାଚେତନା ଆନୁକୂଲ୍ୟରେ ସଂପାଦକ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ସଭାପତି ସୁନୀଲ କୁମାର ମିଶ୍ର, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ କାମଦେବ ମହାପାତ୍ର, କବି ନରୋତ୍ତମ ବେହେରା, ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ, କମଳାକାନ୍ତ ପ୍ରହରାଜ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ପୃଷ୍ଟି ଅସଫଳ କବିତା, ଦେହ ଦେଉଳ, ପୁଅ ପାଇଁ ପ୍ରାର୍ଥନା ଆଦି ବହୁ କବିତା ସଂକଳନ ପ୍ରକାଶ କରି ବିଭିନ୍ନ ସଂସ୍ଥା ତରଫରୁ ପୁରସ୍କାର ହୋଇଥିଲେ। ସେ ସଚିତ୍ର ବିଜୟା ପତ୍ରିକାର ସଂପାଦକ ଭାବେ କାର୍ଯ୍ୟ କରୁଥିଲେ।

# ନିଆଳିରେ କାର୍ତ୍ତିକ ପାଣ୍ଡିଆନଙ୍କ ବିଶାଳ ସଭା

ନିଆଳି,୨୩।୫(ସମିସ)

- ୩୦ହଜାରରୁ ଊର୍ଦ୍ଧ୍ୱ କର୍ମୀଙ୍କ ସମାଗମ
- ହରିବୋଲ, ହୁଳହୁଳି ଓ ଶଙ୍ଖନାଦରେ ପ୍ରକମ୍ପିତ ହେଲା ସଭାସ୍ଥଳ

ଆସନ୍ତା ଜୁନ୍ ୧ ତାରିଖରେ ହେବାକୁ ଥିବା ଶେଷ ପର୍ଯ୍ୟାୟ ନିର୍ବାଚନରେ ନିଆଳି ବିଧାନସଭା କ୍ଷେତ୍ର ଓ ଜଗତସିଂହପୁର ସଂସଦୀୟ କ୍ଷେତ୍ର ପାଇଁ ଭୋଟ ଗ୍ରହଣ କରାଯିବ। ଏନେଇ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ଅଭିଯାନକୁ ଜୋରଦାର କରାଯାଇଥିବା ବେଳେ ନିଆଳିରେ ବିଜୁ ଜନତା ଦଳ ନିର୍ବାଚନ ପ୍ରଚାରରେ ସର୍ବାଗ୍ରେ ରହିଥିବା ଦେଖିବାକୁ ମିଳିଛି। ଦିନକୁ ଦିନ ଦଳୀୟ ପ୍ରାର୍ଥୀଙ୍କ ପ୍ରତି ସମର୍ଥନ ବୃଦ୍ଧି ପାଉଥିବା ବେଳେ ଗୁରୁବାର ନିଆଳି ହାଇସ୍କୁଲ ପଡ଼ିଆରେ ବିଜେଡି ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ଏକ ନିର୍ବାଚନ ସଭାରେ ଯୋଗଦେଇଥିଲେ। ଏହି ନିର୍ବାଚନ ସଭାରେ ୩୦ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ସହ ହରିବୋଲ, ହୁଳହୁଳି ଓ ଶଙ୍ଖନାଦରେ ସଭା ସ୍ଥଳ ପ୍ରକମ୍ପିତ ହେଉଥିବା ଦେଖିବାକୁ ମିଳିଥିଲା। ଦିନ ୧୧ଟା ବେଳୁ ହଜାର ହଜାର ସଂଖ୍ୟାରେ କର୍ମୀ ସଭାସ୍ଥଳରେ ଉପସ୍ଥିତ ହୋଇଥିବା ବେଳେ ଅଭିନେତା ସବ୍ୟସାଚୀ ଓ ଅଭିନେତ୍ରୀ ଅର୍ଚ୍ଚିତାଙ୍କ ସମେତ ଅନ୍ୟ କେତେକ କଳାକାର ଉପସ୍ଥିତ କର୍ମୀଙ୍କ ମନୋରଞ୍ଜନ କରିବା ସହ ବିଜେଡି ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶର କାହାଣୀ ବଖାଣିଥିଲେ। ପ୍ରବଳ ଖରା ସତ୍ତ୍ୱେହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷ ସଭାସ୍ଥଳକୁ ସୁଅ ଛୁଟିଥିବା ବେଳେ ଦିନ ପ୍ରାୟ ୧ଟା ବେଳେ ପାଣ୍ଡିଆନଙ୍କ ହେଲିକ୍ୟାପ୍ଟର ପଡ଼ିଆରେ ପହଞ୍ଚିଥିଲା। ସେଠାରୁ ବିଧାୟକଙ୍କ ସମେତ ମିଶନଶକ୍ତିର ମା'ମାନେ ତାଙ୍କୁ ପାଛୋଟି ନେଇଥିବା ବେଳେ ପାଣ୍ଡିଆନ ସଭାସ୍ଥଳରେ ବୁଲି କର୍ମୀଙ୍କ ସହ ସେଲ୍‌ଫି ନେବା, ହାତ ମିଳେଇବା ସହ ସ୍ନେହ ଶ୍ରଦ୍ଧା ସାଉଁଟିଥିଲେ। ଏହି ସମୟରେ କେତେକ ବୃଦ୍ଧା ଅତି ଶ୍ରଦ୍ଧାରେ ନିଜ ପଣତକାନିରେ ପାଣ୍ଡିଆନଙ୍କ ମୁହଁରୁ ଝାଳ ପୋଛି ଆଲିଙ୍ଗନ କରୁଥିବା ଦେଖିବାକୁ ମିଳିଥିଲା। ପରେ ପାଣ୍ଡିଆନ୍ ସଭାମଞ୍ଚକୁ ଯାଇ ଜୟ ଜଗନ୍ନାଥରୁ ଭାଷଣ ଆରମ୍ଭ କରି ନିଆଳିକୁ ଏନ୍‌ଏସିର ମାନ୍ୟତା, ଜଗନ୍ନାଥଙ୍କ ମାମୁଁ ଘର ମାଧବାନନ୍ଦଜୀଉ ମନ୍ଦିରକୁ ୫ କୋଟିର ସହାୟତା ସମେତ ନିଆଳିର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟର ରୂପାନ୍ତରିକରଣ, ନୂଆ-ଓ ସଂକ୍ରାନ୍ତରେ କହିବା ସହ ନିଆଳିର ବିକାଶକୁ ଆଗେଇ ନିଆଯିବ ବୋଲି କହିଥିଲେ। ସେହିପରି ଉପସ୍ଥିତ କର୍ମୀଙ୍କୁ ବିଜୁ ଜନତା ଦଳ ସରକାରର ବିଭିନ୍ନ ଯୋଜନା ସମ୍ପର୍କରେ ପ୍ରଶ୍ନ କରିଥିବା ବେଳେ କର୍ମୀମାନେ ଏହାର ଉତ୍ତର ଦେଇଥିଲେ। ପରେ ପାଣ୍ଡିଆନ ନିଆଳିର ବିକାଶ ସହ ଓଡ଼ିଶାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ଦଳୀୟ ବିଧାୟକ ପ୍ରାର୍ଥୀ ପ୍ରଫେସର ପ୍ରମୋଦ କୁମାର ମଲ୍ଲିକ ଓ ସାଂସଦ ପ୍ରାର୍ଥିନୀ ଡାକ୍ତର ରାଜଶ୍ରୀ ମଲ୍ଲିକଙ୍କୁ ଯୋଡ଼ା ଶଙ୍ଖରେ ମୋହର ଦେଇ ବିପୁଳ ସଂଖ୍ୟାରେ ବିଜୟୀ କରିବା ପାଇଁ ଅନୁରୋଧ କରିଥିଲେ। ଆଜି ନିଆଳି ହାଇସ୍କୁଲ ପଡ଼ିଆରେ ବିଜୁ ଜନତା ଦଳର ନିର୍ବାଚନ ସଭାରେ ଏତେ ପରିମାଣର କର୍ମୀଙ୍କ ସମାଗମକୁ ଦେଖି ବିରୋଧି ଶିବିରରେ ଛନକା ପଶିଥିବା ଆଲୋଚନା ହେଉଛି।








## ରାମକୃଷ୍ଣପୁରରେ ବିଜେଡି କର୍ମୀ ସମାବେଶ

**ନିଶ୍ଚିନ୍ତକୋଇଲି,୨୩।୫(ସମିସ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାମକୃଷ୍ଣପୁର ମେଲଣ ପଡ଼ିଆ ନିକଟରେ ପଞ୍ଚାୟତସ୍ତରୀୟ ବିଜେଡି କର୍ମୀ ସମାବେଶ ଅନୁଷ୍ଠିତ ହୋଇଛି। ସରପଞ୍ଚ ଭାରତୀ ସ୍ୱାଇଁଙ୍କ ସଭାପତିତ୍ୱ ଏବଂ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝାଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗାର ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଯୋଗଦେଇ ରାଜ୍ୟ ସରକାରଙ୍କର ବହୁ ଜନହିତକର ଯୋଜନା, ଲୋକମାନଙ୍କୁ କିଭଳି ବିକାଶପଥରେ ଆଗେଇ ନେଇଛି ସେ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ମନୋରଞ୍ଜନ ସ୍ୱାଇଁ, ପଞ୍ଚାୟତ କାର୍ଯ୍ୟକାରୀ ସଭାପତି ଶଙ୍କର୍ଷଣ ମହାରଣା, ସଭାପତି ଗଙ୍ଗାଧର ବସ୍ତିଆ, ସମିତିସଭ୍ୟା ନର୍ମଦା ରାଉତ, ଯୁବନେତା ଅଜିମ୍ ଖାଁଙ୍କ ସମେତ ବହୁ ବିଜେଡି ନେତୃବୃନ୍ଦ ଯୋଗଦେଇଥିଲେ। ଏହି ସମାବେଶରେ ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷମାନେ ଯୋଗଦେଇ ବିଜେଡିର ପ୍ରାର୍ଥୀଦ୍ୱୟଙ୍କୁ ଜିତାଇବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବାକୁ ସଂକଳ୍ପ ନେଇଥିଲେ।

## ସାଲେପୁରରେ ଥମୁନି ଦଳ ଡିଆଁ ରାଜନୀତି

**ସାଲେପୁର,୨୩।୫(ସମିସ):** ଏବେ ନିର୍ବାଚନ ଯେତିକି ପାଖେଇ ଆସୁଛି, ସାଲେପୁର ନିର୍ବାଚନ ମଣ୍ଡଳୀରେ ଦଳ ବଦଳଙ୍କ ସଂଖ୍ୟା ସେତିକି ବୃଦ୍ଧି ପାଉଛି। ଦୁଇଦିନ ତଳେ ବାରିଗୋଳ ପଞ୍ଚାୟତର କିଛି ଯୁବକ ବିଧିବଦ୍ଧ ଭାବେ ସାଲେପୁର ବିଧାୟକଙ୍କ ନେତୃତ୍ୱରେ ବିଜେଡି ଦଳରେ ସାମିଲ ହୋଇଥିବାବେଳେ ଉକ୍ତ ଯୁବକମାନେ ପୁନର୍ବାର କଂଗ୍ରେସ ନେତା ଆକ୍ୟୁବ୍ ଖାଁଙ୍କ ନେତୃତ୍ୱକୁ ସମର୍ଥନ କରି କଂଗ୍ରେସ ଦଳରେ ସାମିଲ ହେବା ଘଟଣା ସାଲେପୁର ରାଜନୀତିକୁ ସରଗରମ କରିଛି। ପ୍ରକାଶ ଯେ, ଆସନ୍ତା ଜାନୁୟାରୀ ୧ତାରିଖ ଦିନ ସାଲେପୁର ନିର୍ବାଚନ ମଣ୍ଡଳୀର ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ବିଜେଡି, ବିଜେପି, କଂଗ୍ରେସ ୩ଟି ପ୍ରମୁଖ ଦଳ ମଧ୍ୟରେ ଦଳୀୟ ନେତାମାନେ ଅନ୍ୟ ଦଳର କର୍ମୀମାନଙ୍କୁ ନିଜ ଦଳରେ ସାମିଲ କରିବା ସହ ନିଜ ନିଜ ସଂଗଠନକୁ ସୁଦୃଢ଼ କରିବା ସହିତ ନିର୍ବାଚନ ବୈତରଣୀ ପାର କରିବାକୁ ଯୋଜନା କରୁଥିବାବେଳେ କିନ୍ତୁ କେତେକ କର୍ମୀ ନେତାଙ୍କ ଠାରୁ ଅଧିକ ଚାଲାକ୍ ପଡୁଥିବା ଦେଖିବାକୁ ମିଳିଛି। ଗତ ୧୯ତାରିଖ ଦିନ ସାଲେପୁର ବିଜେଡି କାର୍ଯ୍ୟାଳୟଠାରେ ବାରିଗୋଳ ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ଅନ୍ୟ ଦଳର ବହୁ କର୍ମୀ ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱକୁ ସମର୍ଥନ କରି ବିଜେଡି ଦଳରେ ସାମିଲ ହୋଇଥିଲେ। କିନ୍ତୁ ଏହି ମିଶ୍ରଣ ପର୍ବର ୩ ଦିନ ନ ବିତୁଣୁ ଏହି କର୍ମୀଙ୍କ ମଧ୍ୟରୁ କିଛି କର୍ମୀ କଂଗ୍ରେସ ନେତା ଅଶ୍ୱିନୀ କୁମାର ଦାସଙ୍କ ନେତୃତ୍ୱରେ ଗତକାଲି ରାତିରେ ଇଂ. ଆକ୍ୟୁବ୍ ଖାଁଙ୍କ ନେତୃତ୍ୱକୁ ସମର୍ଥନ କରି କଂଗ୍ରେସ ଦଳରେ ସାମିଲ ହେଉଥିବା ଫଟୋ ସାମ୍ନାକୁ ଆସିଛି। ଏହି ଘଟଣା ଏବେ ସାଲେପୁର ଅଞ୍ଚଳର ରାଜନୀତିକୁ ସରଗରମ କରିଛି।

## ବିଜେଡିର ଆଶୀର୍ବାଦ ସମାବେଶ

ନିଶ୍ଚିନ୍ତକୋଇଲି,୨୩।୫(ସମିସ)

ନିଶ୍ଚିନ୍ତକୋଇଲି ବ୍ଲକ ସରପଡ଼ା ପଞ୍ଚାୟତସ୍ତରୀୟ ବିଜେଡିର ଆଶୀର୍ବାଦ ସମାବେଶ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ ହୋଇଛି। ସରପଞ୍ଚ ବିବେକାନନ୍ଦ ଆଚାର୍ଯ୍ୟଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦାନ କରି ବିରୋଧୀ ପ୍ରାର୍ଥୀଙ୍କୁ ସାଇବେରିଆନ ପକ୍ଷୀ ସହିତ ତୁଳନା କରି କେବଳ ନିର୍ବାଚନ ସମୟରେ ଭୋଟ ଭିକ୍ଷା ପାଇଁ ଆସନ୍ତି ବୋଲି କହି ବୁଥରେ ସେମାନଙ୍କୁ ଉପଯୁକ୍ତ ଜବାବ ଦେବାକୁ ଆହ୍ୱାନ ଦେଇଥିଲେ। ଏଥିରେ ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଯୋଗଦାନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବହୁ ବିକାଶମୂଳକ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇ ଯୋଡ଼ି ଶଙ୍ଖ ଚିହ୍ନରେ ସୁଇଚ୍ ଟିପି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବା ପାଇଁ ଆଶୀର୍ବାଦ ଓ ସହଯୋଗ କାମନା କରିଥିଲେ। ଏଥିରେ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଉପସଭାପତି ତପନ ଦାଶ, ସମିତିସଭ୍ୟା ସସ୍ମିତା ସ୍ୱାଇଁ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ମହାନ୍ତି, ରାୟଗୁରୁ ବିଜୟ କିଶୋର ମିଶ୍ର, ଜୀବନାନନ୍ଦ ଦାଶ, ଯୁବନେତା ପ୍ରମୋଦ ସ୍ୱାଇଁଙ୍କ ସମେତ ପଞ୍ଚାୟତର ବହୁ ମହିଳା, ଯୁବକ, ବରିଷ୍ଠ ନାଗରିକ ଏବଂ ବିଜେଡି ନେତୃବୃନ୍ଦ ଯୋଗଦାନ କରିଥିଲେ।



### ପ୍ରଚାର ଶେଷ ଦିନରେ ଚୌଦ୍ୱାର-କଟକ ବିଜେଡିର ଶକ୍ତି ପ୍ରଦର୍ଶନ

# ସଂତୃପ୍ତ ଓ ସୌଭିକଙ୍କ ବିଶାଳ ବାଇକ ଶୋଭାଯାତ୍ରା



ଚୌଦ୍ୱାର,୨୩।୫(ସମିସ)

ପ୍ରଚାରର ଶେଷ ଦିନରେ ବିଜେଡି ଦଳ ତରଫରୁ ଚୌଦ୍ୱାରରେ ଏକ ବିଶାଳ ବାଇକ୍ ରାଲିର ଆୟୋଜନ କରାଯାଇଥିଲା। ସ୍ଥାନୀୟ ବହୁ ଯୁବକ, ଛାତ୍ର, ମହିଳା ଓ ଦଳୀୟକର୍ମୀ ଗୁରୁବାର ଅପରାହ୍ଣରେ ବିରୂପା ବ୍ୟାରେଜ ନିକଟରେ କଟକ ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ଚୌଦ୍ୱାର-କଟକ ବିଧାୟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଶହ ଶହ ସଂଖ୍ୟାରେ ଯୁବକ ଓ ଛାତ୍ର ବାଇକ୍ ଶୋଭାଯାତ୍ରାରେ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ତଳ ବଜାର, ବଡ଼ ବଜର, ମଙ୍ଗଳାସାହି ସମେତ ଚୌଦ୍ୱାରର ବିଭିନ୍ନ ୱାଡର୍ ପରିକ୍ରମା କରାଇଥିଲେ। ଶୋଭାଯାତ୍ରା ଓଟିଏମ ବଜାର ହୋଇ ଓଟିଏମ କଲୋନୀ ପରିକ୍ରମା କରିଥିଲା। ଛକ ଜାଗା ମାନଙ୍କରେ ଓ ସାହି ବସ୍ତିରେ ସ୍ଥାନୀୟ ବାସିନ୍ଦାଙ୍କ ତରଫରୁ ସାଂସଦ ପ୍ରାର୍ଥୀ ଡ. ମିଶ୍ର ଓ ବିଧାୟକ ପ୍ରାର୍ଥୀ ଶ୍ରୀ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶୋଭାଯାତ୍ରାରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ତଥା ବିଜେଡି କଟକ ଜିଲ୍ଲା ଉପସଭାପତି ଶୁଭେନ୍ଦୁ ସାମଲ, ପ୍ରେମଚାନ୍ଦ ନାୟକ, ନଗର ସଭାପତି ବିଷ୍ଣୁ ଚରଣ ପରିଡ଼ା, କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ଯୁବ ସଭାପତି ସାରଦା ରଞ୍ଜନ ପରିଜା, ଅର୍ଜୁନ ପଣ୍ଡା, ଭରତ ସାହୁ, କାଉନସିଲର ଅଜିନି ବେହେରାଙ୍କ ସମେତ ଦଳୀୟ ବହୁ କାଉନସିଲର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଆଜି ଅପରାହ୍ଣରେ ଖାନନଗର ମଲାଚଣ୍ଡିଆ ଛକରୁ ବିଜେଡିର ଏକ ବିଶାଳ ବାଇକ ରାଲି ବାହାରି ବାଦାମବାଡ଼ି, ବଜ୍ରକବାଟି, ରାଣୀହାଟ, କଲେଜଛକ, ମହାନଦୀବିହାର, ଯୋବ୍ରା ଅଞ୍ଚଳ ପରିକ୍ରମା କରିଥିଲା। ଏଥିରେ ସାଂସଦ ପ୍ରାର୍ଥୀ ଡ. ସଂତୃପ୍ତ ମିଶ୍ର ଓ ଚୌଦ୍ୱାର କଟକ ବିଜେଡି ପ୍ରାର୍ଥୀ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।



## ଟାଙ୍ଗୀ ଅଞ୍ଚଳରେ ବିଜେଡିର ରୋଡ୍ ଶୋ'



**ଟାଙ୍ଗୀ,୨୩।୫(ସମିସ):** ବିଜେଡିର କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ସାଲେପୁର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବେହେରାଙ୍କ ରୋଡ୍ ଶୋ' ଟାଙ୍ଗୀ ଅଞ୍ଚଳରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୩ଟାରେ ୧୩ଟି ପଞ୍ଚାୟତ ବିଶିଷ୍ଟ ଟାଙ୍ଗୀ ଅଞ୍ଚଳର ସହସ୍ରାଧିକ ବାଇକ୍ ଓ କର୍ମୀ ଟାଙ୍ଗୀ ବିଦ୍ୟାପୀଠ ଖେଳପଡ଼ିଆ ତଥା ମା' ସୁବର୍ଣ୍ଣବରାହୀଙ୍କ ପୀଠରେ ଏକତ୍ରିତ ହୋଇଥିଲେ। ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀ ପହଞ୍ଚିଲା ପରେ ରୋଡ୍ ଶୋ' ଆରମ୍ଭ ହୋଇଥିଲା। ଟାଙ୍ଗୀ ବଜାର ପରିକ୍ରମା ପୂର୍ବକ ଉଭୟ ପ୍ରାର୍ଥୀ ମଦନମୋହନ ସାହିସ୍ଥିତ ଦଳୀୟ କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। କର୍ମୀ ତଥା ସମର୍ଥକଙ୍କ ଭିଡ଼ରେ ଟାଙ୍ଗୀ-ହରିପୁର ପୂର୍ତ୍ତ ବିଭାଗ ରାସ୍ତା ଏକରକମ ଅଚଳ ହୋଇଯାଇଥିଲା। ଶୋଭାଯାତ୍ରା ତଥା ରୋଡ୍ ଶୋ' କୋଟସାହି ପଞ୍ଚାୟତ ଟାଙ୍ଗୀରୁ ବାହାରି କହ୍ନେଇପୁର, ଶାଳଗାଁ, ଗରୁଡ଼ଗାଁ ଓ ସଫା ଦେଇ କରଞ୍ଜି ପଞ୍ଚାୟତରେ ପହଞ୍ଚିଥିଲା। ବିଭିନ୍ନ ସ୍ଥାନରେ ମିଶନ ଶକ୍ତି ମହିଳାଙ୍କ ତରଫରୁ ଉଭୟ ପ୍ରାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀଙ୍କ ପୌରହିତ୍ୟରେ ଆୟୋଜିତ ଉକ୍ତ ନିର୍ବାଚନୀ ଶୋ'ରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ଜୟଶ୍ରୀ ପ୍ରଧାନ, ଆମ୍ବ ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ବିଜେଡି ସଂଗଠକ ଜନ୍ମେଜୟ ଖିଲାର, ସୁବୋଧ ସାମଲ, ନରେନ୍ଦ୍ର ରାଉତରାୟ, କୃଷ୍ଣଚନ୍ଦ୍ର ଦାସ, ବାବାଜୀ ମହାନ୍ତି, ଅରୁଣ ପ୍ରକାଶ ରାଉତରାୟ ଓ ସ୍ୱାଧୀନ କିଶୋର ମହାନ୍ତିଙ୍କ ସମେତ ୧୩ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ସାଂଗଠନିକ କର୍ମକର୍ତ୍ତା ଓ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ବିଜେଡି କର୍ମୀମାନେ ସାମିଲ ହୋଇଥିଲେ।

